**ଏନ୍‌ସିସି ଦିବସ ପାଳିତ**

କାମାକ୍ଷାନଗର,(ସୁଧୀର କୁମାର ପରିଡା): ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ର ରବିବାର ଏନ୍‌ସିସି ଦିବସ ପାଳନ କରିଛନ୍ତି। ଏହି ଉପଲକ୍ଷେ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ, କାନପୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବୁଢେଶ୍ୱର ମହୋତ୍ସବ ଉଦ୍‌ଘାଟିତ


ଅତିଥିମାନେ ମଠକରଗୋଳ କଲେଜର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନ,୨୬।୧୧(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବୁଢେଶ୍ୱର ଶୈବପୀଠରେ ରବିବାରଠାରୁ ଆରମ୍ଭ ହୋଇଛି ୩ ଦିନିଆ ବୁଢେଶ୍ୱର ମହୋତ୍ସବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ହୃଦାନନ୍ଦ ମିଶ୍ର, ଅତିଥି ଭାବେ ଏନ୍‌ଏସି ନଗରପାଳ ଶୁଭେନ୍ଦୁ ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ତହସିଲଦାର ସିରିଅଲ ଶୁଭ୍ର ପଟେଲ, ବିଡିଓ କଲ୍ୟାଣ ସୌରଭ ଦାସ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ ଓ ମନ୍ଦିର ପରିଚାଳନା କମିଟି ସଭାପତି ସନାତନ ସାହୁ ଯୋଗ ଦେଇଥିଲେ। କାମାକ୍ଷାନଗର ଉପଜିଲାପାଳ ନାରାୟଣ ନାୟକ ସଭାପତିତ୍ୱ କରିଥିଲେ। ଓଡ଼ିଶା ଯାତ୍ରା ଜଗତରେ ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର, ବସନ୍ତ ଦାସ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଭୁବନେଶ୍ୱରର କଳାକାରମାନଙ୍କ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ପୋଲିସ ପ୍ରଶାସନ, ମନ୍ଦିର ପରିଚାଳନା କମିଟି, ମହିଳା ମହାବିଦ୍ୟାଳୟର ଏନ୍‌ସିସି, ଗାଇଡ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୃଙ୍ଖଳା ରକ୍ଷା କରିଥିଲେ। ଏହି ଅବସରରେ ଭୁବନ ବ୍ଲକ ଦିଘି ପଞ୍ଚାୟତ କେନ୍ଦୁଡିପି ଗ୍ରାମର ମୃତ ଯବାନ ସରୋଜ ଦାସଙ୍କ ପରିବାର ଓ ଅଞ୍ଚଳର ବରିଷ୍ଠ କଳାକାର ଭଗବାନ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜଗନ୍ନାଥପୁର ଗ୍ରାମରେ ରାସ ଉତ୍ସବ

**ଢେଙ୍କାନାଳ,୨୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ଗ୍ରାମ ନୂଆସାହିରେ ରାସ ଉତ୍ସବ ୫ଦିନ ଧରି ଅନୁଷ୍ଠିତ ହେଉଛି। ସକାଳେ ଓ ସନ୍ଧ୍ୟାରେ ରୀତିନୀତିରେ ପୂଜା ଅନୁଷ୍ଠିତ ହେଉଛି। ଭାଇଚାରା ସୃଷ୍ଟି କରୁଥିବା ଏହି ରାସ ଉତ୍ସବ ଶାନ୍ତି, ମୈତ୍ରୀ ଓ ଏକତାର ବାର୍ତ୍ତା ବହନ କରୁଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ସହ ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି। କାର୍ଯ୍ୟକ୍ରମକୁ ବିଚିତ୍ରାନନ୍ଦ ଖଟୁଆ, ସୁରେନ୍ଦ୍ର ପରିଡା, କେଦାର ଖଟୁଆ, ରଶ୍ମିତା ବେହେରା, ମିଟୁ ନାୟକ ଓ ଗ୍ରାମବାସୀ ପ୍ରମୁଖ ପରିଚାଳନା କରୁଛନ୍ତି।




ଅନୁଗୋଳ ବଲାସିଂହା ବାଲିସାହିରେ ଧୁମଧାମରେ କାର୍ତ୍ତିକେଶ୍ୱର ପୂଜା ପାଳନ କରାଯାଉଛି।






# ମହିମା ଟୁଙ୍ଗିରେ ବଡ଼ଓଷା



**କାମାକ୍ଷାନଗର,୨୬।୧୧(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଆଳତୁମା ଗ୍ରାମର ବହୁ ପୁରାତନ ମହିମା ଅନୁଷ୍ଠାନ ଅଲେଖ ଟୁଙ୍ଗିରେ ବୁଧବାର ପବିତ୍ର ବଡ଼ଓଷା ଅବସରରେ ୮୮ ତମ ବାର୍ଷିକ ବାଲ୍ୟଲୀଳା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ଅମୁଣିଆଁ ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀମତ ଅପର୍ତ୍ତି ଦାସ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଘୃତବତୀ ସମର୍ପଣ କରିଥିଲେ। ଏହାପରେ ବିଭିନ୍ନ ଗ୍ରାମରୁ ଆସିଥିବା ଭଜନମଣ୍ଡଳୀ ରାତି ସାରା ଭଜନ ପରିବେଷଣ କରିଥିଲେ। ଏହି ପୁରାତନ ଅନୁଷ୍ଠାନର କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଭକ୍ତ ମକରଧ୍ୱଜ ମହାରଣା, ରାଜକିଶୋର ମହାରଣା, ସନାତନ ପଟ୍ଟନାୟକ, ରବିନାରାୟଣ ମହାରଣା, ଅମୂଲ୍ୟ ବାରିକ, ନିର୍ମଳ ବାରିକ, ଅଶୋକ ମହାରଣା, ବାସୁଦେବ ମହାରଣାଙ୍କ ସମେତ ଶିଲୁ, ପିଲୁ, ଦିଲୁ, ହେମନ୍ତ ଦାସ, ରାସିହାରୀ ମହାନ୍ତି, ସନ୍ତୋଷ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।






# ଦୁର୍ଘଟଣାକୁ ନେଇ ଭିନ୍ନ ଚର୍ଚ୍ଚା

**ଅନୁଗୋଳ,୨୬।୧୧(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ବନ୍ତଲା ଥାନା ଶ୍ରୀରାମପୁର ଛକ ନିକଟରେ ରବିବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଅନୀଲ ପ୍ରଧାନ ଗୁରୁତର ହୋଇଛନ୍ତି। ଅନିଲ ଛକରେ ଠିଆ ହୋଇଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲ ପଠାଇଛନ୍ତି। ଏ ନେଇ ବନ୍ତଲା ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସନ୍ତୋଷ ସେଠୀ ସୂଚନା ଦେଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଅଟକ ରଖିଛି। ତଦନ୍ତ ପରେ ଦୁର୍ଘଟଣାର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ କହିଛନ୍ତି। ତେବେ ଦୁର୍ଘଟଣା ଘଟାଇଥିବା ଗାଡି ଚାଳକ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚଙ୍କ ସ୍ୱାମୀ ହୋଇଥିବାରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ଘଟଣା ହୋଇଥିବା ଚର୍ଚ୍ଚା ହେଉଛି।











# ଚୋରି ଅଭିଯୁକ୍ତଙ୍କୁ ପୋଲିସ ଜିମା

**ବଇଣ୍ଡା,୨୬।୧୧(ପରିକ୍ଷିତ ସାହୁ)**

କିଶୋରନଗର ଥାନା ରାଇବାହାଲ ଗ୍ରାମରେ ଲାଗିଥିବା ୨୫ କେଭି ଟ୍ରାନ୍ସଫର୍ମର ଚୋରି ହୋଇଯାଇଛି। ଏହି ଟ୍ରାନ୍ସଫର୍ମରକୁ ୪ ଜଣ ଚୋରି କରୁଥିବାବେଳେ ୩ ଜଣ ଟ୍ରାନ୍ସଫର୍ମର ନେଇ ପଳାଇ ଥିଲେ। ହେଲେ ଜଣେ ନାବାଳକ ଅଭିଯୁକ୍ତ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ପରେ ଗ୍ରାମବାସୀ ତାଙ୍କୁ ପୋଲିସ ଜିମା ଦେଇଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ନ ଥିବାବେଳେ ଚୋରି ଟ୍ରାନ୍ସଫର୍ମର ଉଦ୍ଧାର କରାଯାଇପାରି ନାହିଁ। ପୋଲିସ ପକ୍ଷରୁ ଠିକ୍ ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଇଆଇସି ସଙ୍ଗୀତା ମହାପାତ୍ର କହିଛନ୍ତି, ଏହି ଚୋରିରେ ନାବାଳକମାନେ ସମ୍ପୃକ୍ତ ଅଛନ୍ତି। ଘଟଣାର ତଦନ୍ତ ଚାଲିଛି।

# ଅନ୍ଧାରରେ ଭାଜପା ସଭାପତି

**ଢେଙ୍କାନାଳ,୨୬।୧୧(ରତନ ନାୟାର)**

**ଖବରଦାତା ସମ୍ମିଳନୀ ଅଚାନକ ବାତିଲ**

ବିଜେଡି ଓ ଭାଜପାର ଆପୋସ ବୁଝାମଣାରେ ଢେଙ୍କାନାଳ ପୌର ପରିଷଦରେ ଲାଇଟ୍ କିଣା ଓ ସଫେଇରେ ଦୁର୍ନୀତି କରାଯାଇଥିବା ନେଇ କଂଗ୍ରେସ ଶନିବାର ଅଭିଯୋଗ ଆଣିଥିଲା। ଏହି ଖବର ପ୍ରକାଶ ପରେ ଭାଜପା ପକ୍ଷରୁ ରବିବାର ଜିଲା ସଭାପତି ଓ ପୌରାଧ୍ୟକ୍ଷାଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀ ଦଳୀୟ କାର୍ଯ୍ୟାଳୟଠାରେ ରବିବାର ଅପରାହ୍ନ ୪ଟାରେ ହେବ ବୋଲି ଦଳ ମିଡିଆସେଲ ପ୍ରଭାରୀ ପତ୍ର ମାଧ୍ୟମରେ ଶନିବାର ଜଣାଇଥିଲେ। ହେଲେ ରବିବାର ପୂର୍ବାହ୍ନରେ ଉକ୍ତ ଖବରଦାତା ସମ୍ମିଳନୀକୁ ବାତିଲ କରାଗଲା ବୋଲି ପୁଣିଥରେ ପତ୍ର ମାଧ୍ୟମରେ ମିଡିଆସେଲ ପ୍ରଭାରୀ ଅବଗତ କରାଇଥିଲେ। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର କହିଛନ୍ତି, କାହିଁକି ଖବରଦାତା ସମ୍ମିଳନୀ ଡକାଯାଉଛି ସେ ସମ୍ପର୍କରେ ପ୍ରଥମରୁ କିଛି ଜାଣି ନ ଥିଲି। ପରେ ପୌର ପରିଷଦରେ ଲାଇଟ୍ କିଣା ଦୁର୍ନୀତି ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ନେଇ ଖବରଦାତା ସମ୍ମିଳନୀ ଡକାଯାଇଥବା କେବଳ ଶୁଣିଥିଲି। କିନ୍ତୁ ଖବରଦାତା ସମ୍ମିଳନୀକୁ ବାତିଲ କରାଯାଇଥିବା କେହି ଜଣାଇନାହାନ୍ତି। ଜିଲା ସଭାପତିଙ୍କ ଏଭଳି ମନ୍ତବ୍ୟରୁ ଦଳ ମଧ୍ୟରେ ସମନ୍ୱୟର ଅଭାବ ଚର୍ଚ୍ଚାର ବିଷୟ ହୋଇଛି। ଜିଲା ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ କହିଛନ୍ତି, ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଖବରଦାତା ସମ୍ମିଳନୀ ପାଇଁ ଡକାଇବାକୁ କୁହାଯାଇଥିଲା। ପରେ ଆଲୋଚନା କରାଯାଇ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯିବା ପରେ ଖବରଦାତା ସମ୍ମିଳନୀକୁ ବାତିଲ କରାଗଲା।




**ଗାଡି ଚାଳକଙ୍କ ଠାରୁ ଲୁଟ୍**

ଅନୁଗୋଳ,(ଅମିତ କୁମାର ସାମଲ): ଅନୁଗୋଳ ଥାନା ଡିଆଇସି ଛକ ନିକଟରେ ଏକ ଗାଡି ଚଳକଙ୍କ ଠାରୁ ଲୁଟପାଟ ହୋଇଛି। ଏ ନେଇ ଏକ ସଂସ୍ଥା ପକ୍ଷରୁ ମ୍ୟାନେଜର ବିକାଶ କୁମାର ଜେନା ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ. ୭୧୨/୨୩ରେ ମାମଲା ରୁଜୁ କରି ଘଟଣାରେ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଧୀରେଶ ଦାସ ସୂଚନା ଦେଇଛନ୍ତି। ତେବେ ଲୁଟ୍‌ପାଟ କରୁଥିବା ଏକ ଗୋଷ୍ଠୀର କେତେଜଣ ସଦସ୍ୟଙ୍କୁ ପୋଲିସ କାବୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# ପ୍ରାଣୀଧନ ଚିକିତ୍ସା ପ୍ରତି ଅବହେଳା

ବଇଣ୍ଡା,୨୬।୧୧ (ପରିକ୍ଷିତ ସାହୁ)



- ୫ ବର୍ଷ ହେଲା ନିର୍ମାଣ ହେଉନି ବଇଣ୍ଡା ପ୍ରାଣୀଧନ ଚିକିତ୍ସାଳୟ
- ରାଜପଥ ସମ୍ପ୍ରସାରଣ ପାଇଁ ୨୦୧୮ରେ କରାଯାଇଥିଲା ଉଚ୍ଛେଦ
- ହଇରାଣ ହେଉଛନ୍ତି ଗୋରୁ, ଛେଳି ଚାଷୀ, ବଢୁଛି ଅସନ୍ତୋଷ

ପ୍ରାଣୀ ସମ୍ପଦର ବିକାଶ ଦିଗରେ ସରକାର ବହୁ ଯୋଜନା ହାତକୁ ନେଇଛନ୍ତି। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଓ ଚାଷୀଙ୍କୁ ଅଧିକରୁ ଅଧିକ ଲାଭ ପହଞ୍ଚାଇବା ପାଇଁ ଗୋରୁ, ଛେଳି ଓ କୁକୁଡ଼ା ଚାଷ ନିମନ୍ତେ ପ୍ରୋତ୍ସାହନ ଯୋଗାଉଛନ୍ତି। ହେଲେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଥିବା ପ୍ରାଣୀଧନଙ୍କ ଚିକିତ୍ସା ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯାଉ ନ ଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ପ୍ରାଣୀଧନ ଚିକିତ୍ସାଳୟକୁ ରାଜପଥ ସମ୍ପ୍ରସାରଣ ପାଇଁ ୫ ବର୍ଷ ତଳୁ ଭାଙ୍ଗି ଦିଆଯାଇଥିଲେ ମଧ୍ୟ ଆଉ ନୂତନ ନିର୍ମାଣ କରାଯାଉ ନାହିଁ। ଫଳରେ ରୋଗଗ୍ରସ୍ତ ପ୍ରାଣୀଧନଙ୍କ ଚିକିତ୍ସା କରାଯାଇ ପାରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ବଇଣ୍ଡା ଗ୍ରାମବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ବହୁ ବର୍ଷ ପୂର୍ବରୁ ବଇଣ୍ଡାଠାରେ ଏକ ପ୍ରାଣୀଧନ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ହେଲେ ୨୦୧୮ ମେ' ୧୭ରେ ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଇଥିଲା। କିନ୍ତୁ ଉଚ୍ଛେଦର ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ପ୍ରାଣୀଧନ ଚିକିତ୍ସାଳୟ ସ୍ଥାପନ କରାଯାଇ ନାହିଁ। ଏହି ଚିକିତ୍ସାଳୟ ଉପରେ ନୁନୁକାପସି, ଗାଁବଇଣ୍ଡା, ଜାମୁନାଳୀ, ଲୁହାମୁଣ୍ଡା ଆଦି ପଞ୍ଚାୟତର ସହସ୍ରାଧିକ ଚାଷୀ ସେମାନଙ୍କ ଗୋରୁ, ଛେଳି, ମେଣ୍ଢା ଆଦି ପ୍ରାଣୀଧନଙ୍କ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ବିଶେଷକରି ୩ ହଜାର ୨୨ ଗୋରୁ, ୪ ହଜାର ୨୧୨ ଛେଳି, ୧୧୨ ବିଦେଶୀ କୁକୁର ଲୋକେ ପାଳନ କରିଥିବା ବେଳେ ଏମାନଙ୍କ ଚିକିତ୍ସା ହୋଇପାରୁ ନାହିଁ। କିଛି ଦିନ ହେବ ଏହି ଅଞ୍ଚଳରେ ଥିବା ଗୋରୁଙ୍କୁ ଫାଟୁଆ ରୋଗ ହେଉଥିବାରୁ ଚାଷୀମାନେ ଚିକିତ୍ସା କରାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ କୌଣସି ପ୍ରାଣୀ ଚିକିତ୍ସାଳୟ ନ ଥିବାରୁ ୭ କିଲୋମିଟର ଦୂର ହଣ୍ଡପା ପ୍ରାଣୀ ଚିକିତ୍ସାଳୟ ଯାଇ ପ୍ରାଣୀଧନଙ୍କ ଚିକିତ୍ସା କରିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ। ଫଳରେ ପ୍ରାଣୀଧନମାନେ ରୋଗ ହେଲେ ମୃତ୍ୟୁମୁଖରେ ପଡୁଛନ୍ତି। ସେହିପରି ଏହି ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ନିଯୁକ୍ତ ହୋଇଥିବା ଡାକ୍ତର ଅବସର ନେବା ପରେ ଆଉ ନୂଆ ଡାକ୍ତରଙ୍କୁ ନିଯୁକ୍ତ କରାଯାଇ ନାହିଁ। ଅନ୍ୟ ପ୍ରାଣୀଧନ ଚିକିତ୍ସକଙ୍କୁ ଡେପୁଟେଶନ ଦିଆ ଯାଇଥିଲେ ମଧ୍ୟ ଚିକିତ୍ସା ଠିକ୍ ଭାବେ ହୋଇପାରୁ ନାହିଁ। ଶେଷରେ ଉପାୟଶୂନ୍ୟ ହୋଇ ଚାଷୀମାନେ ଘରୋଇ ପ୍ରାଣୀ ଚିକିତ୍ସକଙ୍କ ସହାୟତା ନେଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ବଇଣ୍ଡା ଠାରେ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ ୧୮ ଫେବୃୟାରୀ ୨୦୧୯, ୧୫ ସେପ୍ଟେମ୍ବର ୨୦୨୧ ଓ ୨ ଫେବୃୟାରୀ ୨୦୨୩ରେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଆଠମଲ୍ଲିକ ବିଧାୟକଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ପ୍ରାଣୀଧନ ଚିକିତ୍ସାଳୟ ନିର୍ମାଣ କରାଯିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସା ଅଧିକାରୀ ନୀଳାଞ୍ଚଳ ସେନାପତି କହିଛନ୍ତି, ବଇଣ୍ଡା ଠାରେ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ହେଲେ ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାସଂସ୍ଥା ଏହାର ନିର୍ମାଣ ପାଇଁ ଦାୟିତ୍ୱ ନେଇଥିଲେ ହେଁ କାର୍ଯ୍ୟ କରୁନାହିଁ। ଏ ନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି।

# ଖୋଲଡଙ୍ଗିଆଣୀ, ହଣ୍ଡପାରେ କାର୍ତ୍ତିକେଶ୍ୱର ପୂଜା

ବଇଣ୍ଡା,୨୬।୧୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତର ଖୋଲଡଙ୍ଗିଆଣୀ ଓ ହଣ୍ଡପା ଗ୍ରାମରେ ଗୁରୁବାର ଠାରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ନିକଟସ୍ଥ ନାଳରୁ କଳଶରେ ପାଣି ଆଣି ମଣ୍ଡପରେ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଥିଲା। ରଙ୍ଗବେରଙ୍ଗ ଆଲୋକମାଳା ସହ ଚୁମ୍ବକୀୟ ଲାଇଟ ଯୋଗୁ ପୂଜା ମଣ୍ଡପ ଝଲସି ଉଠୁଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଏଥିସହ ଦଣ୍ଡ ନୃତ୍ୟ ପରିବେଷଣ ହେଉଛି। ଦୀର୍ଘ ବର୍ଷ ହେବ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ପୂଜା ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତ୍ୟେକ ଦିନ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। ପୂଜା କମିଟିର ଦୁଷ୍ମନ୍ତ ପ୍ରଧାନ, ପରମାନନ୍ଦ ନାୟକ, ପୁରୁଷୋତ୍ତମ ପ୍ରଧାନ, ସତ୍ୟଜିତ ପ୍ରଧାନ, ଡିଲେଶ୍ୱର ସାହୁ, ମୀନକେତନ ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।



# ଚାକିରି ନ କରି ଚାକିରି ଦେବାର ବ୍ୟବସ୍ଥା କର

ବଇଣ୍ଡା,୨୬।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶନିବାର ଆତ୍ମନିଯୁକ୍ତି ପାଇଁ ବୃତ୍ତିଗତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ମଶାଳାରେ ଚାକିରି ପଛରେ ନ ଧାଇଁ ଅନ୍ୟକୁ ଚାକିରି ଦେବାର ବ୍ୟବସ୍ଥା କରିବା ଓ ଆତ୍ମନିର୍ଭରଶୀଳ ହେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡକ୍ଟର ଲକ୍ଷ୍ମୀ ନାରାୟଣ ବକ୍ସି ଯୋଗଦେଇ ଜୈବ କୃଷି କୁଟୀର ଶିଳ୍ପ ପ୍ରାକୃତିକ ଉପାୟରେ କିପରି ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ଦେଇଥିବା ବେଳେ ରୁଚିସ୍ମିତା ପରିଡା, ଶୁଭଶ୍ରୀ ବିଶ୍ୱାଳ, ପୁରୁଷୋତ୍ତମ ସାହୁ, ଅଭିଜିତ ପ୍ରଧାନ, ସୁଶାନ୍ତ ରାଉଳ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ଏଥିରେ ଉପସ୍ଥିତ ଥିଲେ।



ଆତ୍ମନିଯୁକ୍ତି ପାଇଁ ବୃତ୍ତିଗତ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

# କ୍ୟାଡେଟ୍‌ମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ

ତାଳଚେର, ୨୬।୧୧ (ମନୋଜ ନନ୍ଦ)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ କ୍ୟାଡେଟ୍‌ମାନେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. ଅଜୟ କୁମାର ପ୍ରଧାନ ଯୋଗଦେଇ ଉପସ୍ଥିତ ଏନ୍‌ସିସି ଛାତ୍ରୀଛାତ୍ରମାନେ ତାଳଚେର କଲେଜ ପାଇଁ ଗୌରବ ଆଣିଥିବାରୁ ଅଭିନନ୍ଦନ ଜଣାଇଥିଲେ। ଏନସିସି ଛାତ୍ର ଆଶୁତୋଷ ପଣ୍ଡା ଓ ଆଗ୍ରାଠାରେ ପାରା ଜମ୍ପରେ ଉନ୍ନତ ପ୍ରଦର୍ଶନ କରି ସଫଳତା ପାଇଥିବା ଅର୍ପିତା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଏନସିସି ଅଫିସର ମେଜର ସୁବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ କରାଯାଇଥିଲା।

# ୨୪ରୁ ରାଜ୍ୟସ୍ତରୀୟ ଆନନ୍ଦ ମହୋତ୍ସବ

ଅନୁଗୋଳ,୨୬।୧୧(ଅମିତ କୁମାର ସାମଲ)

ଅନୁଗୋଳ ସଭାଘରଠାରେ ଡିସେମ୍ବର ୨୪ ଓ ୨୫ ତାରିଖରେ ରାଜ୍ୟସ୍ତରୀୟ ଆନନ୍ଦ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ହାକିମପଡ଼ା ସତ୍ୟସାଇ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବାଳବିକାଶ ପିଲାମାନଙ୍କ ଏହି କାର୍ଯ୍ୟକ୍ରମକୁ ସତ୍ୟସାଇ ସଙ୍ଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଓଡ଼ିଶାର ୩୦ ଜିଲାରୁ ସତ୍ୟସାଇ ସଙ୍ଗଠନର ବାଳବିକାଶ ଛାତ୍ରୀଛାତ୍ର ଏହି ମହୋତ୍ସବରେ ଯୋଗଦେବେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା, ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀ ଆଦି କରାଯିବ। ଏହି ପ୍ରସ୍ତୁତି ବୈଠକରେ ସତ୍ୟସାଇ ସଙ୍ଗଠନ ଓଡ଼ିଶାର ରାଜ୍ୟ ଶିକ୍ଷା ସଂଯୋଜକ ଅମିୟ ରଞ୍ଜନ କାନୁନ୍‌ଗୋ, ରାଜ୍ୟ ଶିକ୍ଷା ସଂଯୋଜିକା ନିହାରିକା କାନୁନ୍‌ଗୋ, ମନୀଷା ବେବତା, ଶିବାଜୀ ରଣସିଂହ, ହରିହର ପାଢ଼ୀ, ସୁଶାନ୍ତ ମହାନ୍ତି, ଜିଲା ସଭାପତି ଦୁର୍ଗାପ୍ରସନ୍ନ ରଥ ଏବଂ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।



# ପ୍ରତିଭା ପରିପ୍ରକାଶ ଉପରେ ଗୁରୁତ୍ୱ ଦିଆଯାଉ



ବଇଣ୍ଡା କାର୍ତ୍ତିକେଶ୍ୱର ପୂଜା ମଣ୍ଡପ।



ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲୋକେ ଉପଭୋଗ କରୁଛନ୍ତି।

ବଇଣ୍ଡା,୨୬।୧୧ (ପରିକ୍ଷିତ ସାହୁ)

ଗ୍ରାମାଞ୍ଚଳର ଶିଶୁଙ୍କ ଠାରେ ପ୍ରତିଭାର ଅଭାବ ନାହିଁ। ସେହି ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ଜରୁରୀ। ଏହା ଠିକଣା ଭାବେ କରାଯାଇ ପାରିଲେ ଗାଁର ପିଲା ଦେଶ ବିଦେଶରେ ନିଜର ପରିଚୟ ସୃଷ୍ଟି କରିପାରିବେ। ଗାଁକୁ ମଧ୍ୟ ପରିଚିତ କରାଇପାରିବେ। କିଶୋରନଗର ବ୍ଲକ ବଇଣ୍ଡା କାର୍ତ୍ତିକେଶ୍ୱର ପୂଜା ମଣ୍ଡପ ନିକଟରେ ଶନିବାର ଅନୁଷ୍ଠିତ କାର୍ତ୍ତିକେଶ୍ୱର ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି।

ପୂଜା କମିଟି ସଭାପତି ଜିତେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁଙ୍କ ପ୍ରତିଭା ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଶିଶୁମାନେ ସଫଳତା ଶୀର୍ଷରେ ପହଞ୍ଚନ୍ତୁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର କୁମାର ବେହେରା, ଶିକ୍ଷକ ନିତ୍ୟାନନ୍ଦ ବାରିକ, ବଇଣ୍ଡା ଗ୍ରାମର କୋଷାଧ୍ୟକ୍ଷ ବିନୀତ କୁମାର ସାହା, ସନ୍ତୋଷ ସାହୁ, ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆଖପାଖ ଅଞ୍ଚଳର ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହର୍ଷି ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ ରୋଜାଲିନ ପ୍ରଧାନ, ରୂପାଲି ସାହୁ ପରିଚାଳନା କରିଥିବା ବେଳେ କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ରମେଶ ମିଶ୍ର ବିଚାରକ ଭାବରେ ଯୋଗ ଦେଇଥିଲେ।

# ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

କଣିହାଁ,୨୬।୧୧(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଧୁମ୍‌ଧାମରେ ଚାଲିଛି। ଏହି ଅବସରରେ ରବିବାର ପାଲଲହଡା ବିଧାୟକ ମୁକେଶ ପାଲ ଗଣ୍ଡମାଳା ପଞ୍ଚାୟତ ଓ ଶୁଶୁବା ପଞ୍ଚାୟତ ଗସ୍ତ କରିଥିଲେ। ବିଭିନ୍ନ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ସମାଧାନ ଦିଗରେ ଆଲୋଚନା କରିଥିଲେ। ପରେ ଗଣ୍ଡମାଳା, ସୁଲେଇପାଳ, ଶୁଶୁବା, ପୁଡାଗଡ ଗ୍ରାମରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ମଣ୍ଡପ ଯାଇ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କୈଳାସ ସାହୁ, ଗଗନ ରାଉତ, କୃପାସିନ୍ଧୁ ସାହୁ, ଝସକେତନ ପ୍ରଧାନ, ଗିରିଶଚନ୍ଦ୍ର ସାହୁ, ବିଡିଓ ଗଡନାୟକଙ୍କ ସମେତ ଅନେକ ଶ୍ରଦ୍ଧାଳୁ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।



ଶୁଶୁବା ଗ୍ରାମରେ ବିଧାୟକଙ୍କ ସହ ଉପସ୍ଥିତ ଶ୍ରଦ୍ଧାଳୁମାନେ।

# ୩ ବହୁମୁଖୀ କୋଠଘର ଭିତ୍ତିପ୍ରସ୍ତର

ତାଳଚେର,୨୬।୧୨ (ମନୋଜ ନନ୍ଦ)

ତାଳଚେର ପୌରାଞ୍ଚଳର ଦ୍ରୁତ ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ସୁବିଧା, ଆବଶ୍ୟକତାକୁ ଲକ୍ଷ୍ୟ କରି ୪ଟି ବହୁମୁଖୀ କୋଠଘରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ସେଥିମଧ୍ୟରୁ ୧୯ ନମ୍ବର ୱାର୍ଡ ହାଣ୍ଡିଧୁଆଁଠାରେ ୨ କୋଟି ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା କୋଠଘରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ସାରିଥିବା ବେଳେ ରବିବାର ଆଉ ୨ଟି କୋଠଘରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୩ ନମ୍ବର ୱାର୍ଡ ମଣ୍ଡାପାଳ ମେଡିକାଲ ଛକ ନିକଟରେ ୧କୋଟି ୭୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଓ ୨୧ ନମ୍ବର ୱାର୍ଡ ବାଘୁଆବୋଲଠାରେ ୨ କୋଟି ୪୦ ଲକ୍ଷ ଟଙ୍କା ଅଟକଳରେ ଅନ୍ୟ ଗୋଟିଏ ବହୁମୁଖୀ କୋଠଘରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ, କାଉନସିଲର ଲିପିକା ବେହେରା ଯୋଗଦେଇ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ବାନାମ୍ବର ଭୂତିଆ, ବିଭିନ୍ନ ୱାର୍ଡର କାଉନସିଲର, ଦଳୀୟ କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ଉନ୍ନୟନ ବିଭାଗ ଏସ୍‌ଡିଓ ମୋନାଲିଶା ମାହନ୍ତ ଯୋଗ ଦେଇଥିଲେ। ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

# ସଂସ୍କୃତି, ପରମ୍ପରା ସୁଦୃଢ଼ ହେଲେ ସୁସ୍ଥ ସମାଜ ସମ୍ଭବ

ଅନୁଗୋଳ,୨୬।୧୧
(ଅମିତ କୁମାର ସାମଲ)

**ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ**

- କଳା ସଂସ୍କୃତିକୁ ନୂଆ ଦିଶା ଦେଖାଉଛି କଳାକାର
- ରଙ୍ଗବତୀ ଗୀତରେ ଝୁମିଲେ ଦର୍ଶକ
- ଲୋକ ନୃତ୍ୟରେ କମ୍ପିଲା ସଭାଘର

ଅନୁଗୋଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ଦ୍ୱାରା ସଭାଘରଠାରେ ଆୟୋଜିତ ୨ ଦିନିଆ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଳାକାର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମହାପାତ୍ର କହିଥିଲେ, ୩୮ ବର୍ଷ ଧରି କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ କଳକାରର ପ୍ରୟାସ ପ୍ରଶଂସାଯୋଗ୍ୟ। କଳାକାର ପରିବାରର ସମସ୍ତ ସଦସ୍ୟଙ୍କ ଦୃଢ଼ ପ୍ରତିଶ୍ରୁତିବଦ୍ଧତା, ଅକ୍ଲାନ୍ତ ପରିଶ୍ରମ କଳା ସଂସ୍କୃତିକୁ ନୂଆଁ ଦିଶା ଦେଖାଇଛି। ସଂସ୍କୃତି ଓ ପରମ୍ପରା ସୁଦୃଢ଼ ହେଲେ ସୁସ୍ଥ ସମାଜ ଗଠନ ହୋଇ ପାରିବ। ସେହିପରି ସମ୍ମାନିତ ଅତିଥି ନାୟକ କହିଥିଲେ, ବିଲୁପ୍ତ ପ୍ରାୟ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ କଳାକାରର ପ୍ରୟାସ ସର୍ବାଗ୍ରେ ରହିବ। ଏହି ଅବସରରେ ରଙ୍ଗୋଭର, ଚିତ୍ରାଙ୍କନ, ଓଡ଼ିଶୀ, ଦଳଗତ ଲୋକନୃତ୍ୟରେ ୮୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରଙ୍ଗୋଭର ଓ ଚିତ୍ରାଙ୍କନର ବିଚାରକ ଭାବେ ବିଜୟ ରାଉତ, ପ୍ରଶାନ୍ତ ଦାସ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଓଡ଼ିଶୀ ନୃତ୍ୟ ଓ ଦଳଗତ ଲୋକନୃତ୍ୟରେ ଗୁରୁ ଅଜୟ କୁମାର ଚୌଧୁରୀ, ଓଡ଼ିଶୀ ସଙ୍ଗୀତ ବିଶାରଦ ଓ ଗୁରୁ ନିରଞ୍ଜନ ରାଉତ ଓଡ଼ିଶୀ ଓ ଛଉ ନୃତ୍ୟ ବିଚାରକ ଭାବେ ଯୋଗଦେଇ ପ୍ରତିଭା ଚୟନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକାର ପୂର୍ବତନ ନଗରପାଳ ପ୍ରତାପ ପ୍ରଧାନ ଯୋଗଦେଇ କଳାକାର ପରିବାରର କାର୍ଯ୍ୟକୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗୁରୁ ଅଜୟ କୁମାର ଚୌଧୁରୀ ଓ ନିରଞ୍ଜନ ରାଉତଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। କଳାକାର ସଦସ୍ୟ ଡ.ବୈରାଗୀ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ବୀରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ମାଝି, କ୍ଷୀରୋଦ ପାତ୍ର, ଇନ୍ଦିରା ଦାସ, ଅନିତା ସିଂଦେଓ, ରୁଚିର କୁମାର ବରାଳ, ସନ୍ତୋଷ କୁମାର ନାୟକ, ଅଜୟ କୁମାର ସାହୁ, ପ୍ରଶାନ୍ତ ରଥ, ଦେବବ୍ରତ ପଟ୍ଟନାୟକ, ବିଦେଶୀ ନାଏକ, ପ୍ରଫୁଲ୍ଲ ଦାସଙ୍କ ସମେତ କଳାକାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରାଯାଉଛି।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା): କାମାକ୍ଷାନଗର ବ୍ଲକ କନ୍ତିଓକାଟେଣି ଗ୍ରାମର ସଙ୍ଗିତା ବେହେରାଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଖବରପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ।

### ସଂକ୍ଷେପରେ

## ବାଇକ୍ ଦୁର୍ଘଟଣାଗ୍ରସ୍ତ: ଯୁବକ ମୃତ

କାମାକ୍ଷାନଗର,୨୬।୧୧ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ବିରାଶାଳ ଗ୍ରାମ ନିକଟରେ ଶନିବାର ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲା ସପ୍ତଶଯ୍ୟା ଗ୍ରାମର ଦୁଷ୍ମନ୍ତ ହାଁସଦା। ଅନ୍ୟ ଜଣେ ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ।

ପୋଲିସ କହିଛି, ଦୁଷ୍ମନ୍ତ ଜଣେ ଯୁବକଙ୍କ ସହ ବାଇକ୍‌ରେ ବାଟଗାଁ ସୁଆଗିନାଳୀ ନିଜ ଶ୍ୱଶୁର ଘରକୁ ଆସିଥିଲେ। ସେଠାରୁ ଫେରିବା ସମୟରେ ବିରାଶାଳ ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବାଇକ୍‌ରେ ବସିଥିବା ଯୁବକ ରାସ୍ତା କଡରେ ପଡ଼ିଥିବାବେଳେ ଦୁଷ୍ମନ୍ତଙ୍କ ପତ୍ତା ମିଳି ନ ଥିଲା। ଅଗ୍ନିଶମ କର୍ମଚାରୀ ରବିବାର ସକାଳେ ଦୁଷ୍ମନ୍ତଙ୍କ ମୃତଦେହ ନିକଟସ୍ଥ ଏକ ପୋଖରୀରୁ ଉଦ୍ଧାର କରିଥିଲେ। ଖବରପାଇ କଙ୍କଡାହାଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଦୃଢ଼ ମାନସିକତା ରହିଲେ ଅନୁଷ୍ଠାନ ଆଗକୁ ବଢ଼ିବ

### ୫ମ କପିଳାସ ମହୋତ୍ସବ

ଢେଙ୍କାନାଳ,୨୬।୧୧(ରତନ ନାୟାର)



୫ମ କପିଳାସ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଢେଙ୍କାନାଳ ମାଇକ୍ରୋମିଡିଆ ସାଂସ୍କୃତିକ ଅନୁଷ୍ଠାନର ୨୧ତମ ବାର୍ଷିକ ଉତ୍ସବ ଅବସରରେ ଚାଲିଥିବା ୫ମ କପିଳାସ ମହୋତ୍ସବର ଦ୍ୱିତୀୟ ଦିବସ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଯେଉଁ ସାଂସ୍କୃତିକ ଅନୁଷ୍ଠାନଗୁଡିକ ନିରନ୍ତର ଭାବେ କାର୍ଯ୍ୟ କରିଚାଲିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ କାର୍ଯ୍ୟକ୍ରମ ସମୀକ୍ଷା କରି ନିରବଚ୍ଛିନ୍ନ ଭାବେ ଅନୁଦାନ ପ୍ରଦାନ କଲେ ଅନୁଷ୍ଠାନ ଗୁଡିକ ପ୍ରୋତ୍ସାହିତ ହୋଇପାରିବେ। ଦୃଢ଼ ମାନସିକତା, ଦଳଗତ ଉଦ୍ୟମ ରହିଲେ ହିଁ ଅନୁଷ୍ଠାନ ଆଗକୁ ବଢିବ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ କହିଲେ, ପିଲାମାନଙ୍କୁ ଆଦର୍ଶ ସନ୍ତାନ ଭାବେ ଗଢ଼ି ତୋଳିବା ପାଇଁ ଅଭିଭାବକ ଓ ଗୁରୁମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ନଟରାଜ ସଙ୍ଗୀତ ଏକାଡେମୀ ସଭାପତି କୃଷ୍ଣ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଯୁବ ଆଇନଜୀବୀ ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ୨୧ବର୍ଷ ଧରି ମାଇକ୍ରୋମିଡିଆ ଅନୁଷ୍ଠାନର ପ୍ରତିଭା ଚୟନ ଯାତ୍ରା ଅବ୍ୟାହତ ରହିଥିବାରୁ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଅଥୟ କୁମାର ସାହୁ ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୌମ୍ୟବ୍ରତ ସାହୁ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସ୍ମରଣିକା ସ୍ମୃତି ଉନ୍ମୋଚିତ ହୋଇଥିଲା। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟରେ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ଢେଙ୍କାନାଳ ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିକ୍ଷାବିତ୍ ଡ. ବିଧାନଚନ୍ଦ୍ର ମିଶ୍ର ସ୍ମୃତି ସମ୍ମାନରେ ପ୍ରଫେସର ତାରା ପ୍ରସନ୍ନ ଶତପଥୀ, ଦକ୍ଷ ସଙ୍ଗଠକ ଭାବେ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ, ବରିଷ୍ଠ ଖବରଦାତା ବିମଳ କୁମାର ଥଅ, ସାମାଜିକ କର୍ମୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଗୋବିନ୍ଦପୁର ହରପାର୍ବତୀ ଦଣ୍ଡନୃତ୍ୟର ପ୍ରମୁଖ କର୍ମକର୍ତ୍ତା ସନ୍ତୋଷ କୁମାର ସ୍ୱାଇଁ, କଣ୍ଠଶିଳ୍ପୀ ସମାହିକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ଡ. ବିଧାନଚନ୍ଦ୍ର ମିଶ୍ରଙ୍କ ନାମରେ ମଞ୍ଚର ଉତ୍ସବକୁ ଉତ୍ସର୍ଗ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅରବିନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାକାରମାନେ ମହିଳା ସଶକ୍ତୀକରଣ ଉପରେ ପ୍ରଦର୍ଶନ କରିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ଉତ୍ସବରେ ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ପାତ୍ର, ବିଶ୍ୱନାଥ ବେହେରା, ସୁକାନ୍ତ କୁମାର ମିଶ୍ର, ସତ୍ୟ ସ୍ୱରୂପ ଦାସ ଓ ଗଙ୍ଗାଧର ରାଉତ ପ୍ରମୁଖ ଯୋଗଦେଇଥିଲେ। ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମସ୍ତଙ୍କୁ ସମାନ ଅଧିକାର ଦିଆଯାଉ

ଢେଙ୍କାନାଳ,୨୬।୧୧(ରତନ ନାୟାର)

ଢେଙ୍କାନାଳର ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ରବିବାର ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନେତୃତ୍ୱରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ବାଜିଚୌକ ଠାରୁ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବାବନ୍ଧ ଓ ବହଣ୍ଡେଇ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇ ଆମ୍ବେଡକରଙ୍କ ସମ୍ପର୍କରେ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହିତ ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଜନ୍ମସ୍ଥାନ ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଓ ସୁଯୋଗ ପ୍ରଦାନ କରିବା ଦରକାର। ବ୍ୟବସ୍ଥାପିକା, ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ପ୍ରଚାର ମାଧ୍ୟମକୁ ରାଷ୍ଟ୍ରର ଶାସନ ଖସଡା ସମ୍ବିଧାନ ବ୍ୟବସ୍ଥାରେ ପରିଚାଳିତ କରି ଲୋକାଭିମୁଖୀ କରିବାକୁ ବକ୍ତାମାନେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୋଳରୁ ଅନନ୍ତ ନାଏକ, ପ୍ରଶାନ୍ତ ନାଏକ, କଳାବତୀ ନାଏକ, ଧ୍ରୁବଚରଣ ବିଶ୍ୱାଳ, ଗଁଦିଆରୁ ଅଜିତ ମଲ୍ଲିକ, ଅକ୍ଷୟ ମଲ୍ଲିକ, ଭୁବନରୁ ବିଦ୍ୟାଧର ମଳିକ, ହୃଦାନନ୍ଦ ପାତ୍ର, ଓଡାପଡାରୁ ଜତି ନାଏକ, ତାପସ ନାଏକ ଓ ଢେଙ୍କାନାଳରୁ ଆଇନଜୀବୀ ମନୋଜ ନାଏକ, ପଦ୍ମିନୀ ନାଏକ, ରାଜେନ୍ଦ୍ର ଦାସ, ପ୍ରଦ୍ୟୁମ୍ନ କୁମାର ନାଏକ, ଜଗବନ୍ଧୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ସଙ୍ଗଠନର ସମ୍ପାଦକ ଆଇନଜୀବୀ ଚିତ୍ରସେନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




ଆମ୍ବେଦକର ସେବା ସଂଗଠନ ପକ୍ଷରୁ ସମ୍ବିଧାନ ଦିବସ ପାଳନ କରାଯାଉଛି।

# ମୌଳିକ ବିଚାରକୁ ଦୂରେଇ ଦିଆଯାଇଛି

### ଉଫୁନା ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଢେଙ୍କାନାଳ,୨୬।୧୧(ରତନ ନାୟାର)



ଉଫୁନା ପକ୍ଷରୁ ସାମ୍ବିଧାନିକ ଦିବସ ପାଳନ ଅବସରରେ ଅତିଥିମାନେ।

ଢେଙ୍କାନାଳ ସହର ରଥଗଡାସ୍ଥିତ ଉଫୁନା କାର୍ଯ୍ୟାଳୟରେ ରବିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉଫୁନାର ରାଜ୍ୟ ଆବାହକ ତଥା ସର୍ବଭାରତୀୟ ଉପସଭାପତି ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସିବିଆଇର ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ ଯେ, ସମ୍ବିଧାନକୁ ବର୍ତ୍ତମାନ ବିକୃତ କରିବା ପାଇଁ ପ୍ରୟାସ କରାଯାଉଛି। ସମାଜବାଦ, ଧର୍ମନିରପେକ୍ଷତାକୁ ସରକାରୀ କାର୍ଯ୍ୟରେ ବ୍ୟବହାର କରାଯାଉ ନାହିଁ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ କହିଲେ, ସମ୍ବିଧାନ ପରିବର୍ତ୍ତନ ଦ୍ୱାରା ଅର୍ଥନୈତିକ ବିଶୃଙ୍ଖଳା ଦେଖାଯିବ। ସମାଜବାଦୀ ନେତା ସରୋଜ ଶତପଥୀ କହିଲେ, ୨ ହଜାର ବର୍ଷର ପରମ୍ପରାରେ ୪ଟି ବିଚାର ଯଥା ନ୍ୟାୟ, ସମାନତା, ସ୍ୱତନ୍ତ୍ରତା ଓ ବନ୍ଧୁତ୍ୱକୁ ସମ୍ବିଧାନରେ ପ୍ରଥମେ ସ୍ଥାନ ଦିଆଯାଉଥିଲା। କିନ୍ତୁ ଏବେ ସମ୍ପ୍ରଦାୟିକତା ଓ ପୁଞ୍ଜିବାଦ ବ୍ୟବସ୍ଥାକୁ ଆପଣେଇ ସମ୍ବିଧାନର ମୌଳିକ ବିଚାରକୁ ଦୂରେଇ ଦିଆଯାଇଛି। ଏହି ଆଲୋଚନା ଚକ୍ରରେ ଉଫୁନା ସମ୍ପାଦକ ବାହାଦୁର ପାଟସାହାଣୀ ସ୍ୱାଗତ ଭାଷଣ ଓ ଉମ୍ବରୁଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରିବେଶବିତ୍ ବିକ୍ରମ ରାଉତ, ଚିତ୍ତରଞ୍ଜନ ମହାନ୍ତି, ରେଣୁ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଓଡ଼ାପଡ଼ାରେ ଫୁଟ୍‌ବଲ ଟୁର୍ନାମେଣ୍ଟ

ସାତମାଇଲ,୨୬।୧୧(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗଦାଶିଳା ପଞ୍ଚାୟତ ସାଇଁବିରି ଗ୍ରାମରେ ଜୟ ଦୁର୍ଗା ଫୁଟବଲ ଆସୋସିଏଶନ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରବିବାର ସପ୍ତମ ଦିନରେ ନେତା ଫୁଟବଲ ଏକାଡେମୀ କଟକ ଓ ଚାନ୍ଦ କ୍ଲବ ତାଳବର କୋଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ନେତା ଫୁଟବଲ ଏକାଡେମୀ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ନାୟକ, ଅତିଥି ଭାବେ ଜିଲା ପ୍ରରିଷଦ ସଦସ୍ୟ ଲାଲକୃଷ୍ଣ ସାହୁ ଓ ଆଇନଜୀବୀ ନିଶିକାନ୍ତ ସାହୁ ଯୋଗଦେଇଥିଲେ। ରେଫରି ଦେବରାଜ ସ୍ୱାଇଁ, ବନସନ ବରାଳ, ଆକାଶ ପ୍ରଧାନ ପରିଚାଳନା କରିଥିଲେ।

# ସାଙ୍ଗଠନିକ କାର୍ଯ୍ୟ ଆଗକୁ ନେବାକୁ ପରାମର୍ଶ

ଢେଙ୍କାନାଳ,୨୬।୧୧(ରତନ ନାୟାର)

ଆମ୍ ଆଦମୀ ପାର୍ଟି (ଏଏପି) ଢେଙ୍କାନାଳ ଶାଖା ପକ୍ଷରୁ ସମ୍ବିଧାନ ଦିବସ ଓ ଦଳର ସ୍ଥାପନା ଦିବସ ରବିବାର ସହରସ୍ଥିତ ଗୋପୀନାଥ ଗାର୍ଡେନଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳର ୧୧ ବର୍ଷ ସଂଘର୍ଷମୟ ଇତିହାସକୁ ସ୍ମରଣ କରିବା ସହ ଆଗାମୀ ଦିନରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଆଗକୁ ନେବା ପାଇଁ ଆଲୋଚନା କରିଥିଲେ। ଜିଲାରେ ଚାଲିଥିବା ଅନ୍‌ଲାଇନ ମେମ୍ବରଶିପ୍ ସମ୍ପର୍କରେ ଆଲୋଚନା କରି ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ୫ ହଜାର ମେମ୍ବର କରିବା ପାଇଁ କହିଥିଲେ। ଜିଲା ଆବାହକ ପଙ୍କଜ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଭାରତରତ୍ନ ଡ. ଭୀମରାଓ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ଦଳିତ ବସ୍ତିର କୁନିକୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ରମେଶ ପଣ୍ଡା ଓ ବିକ୍ରମ ରାଉତ, ସମ୍ପାଦକ ବିଧୁ ରଞ୍ଜନ ନାୟକ, ଚିନ୍ମୟ ସେନାପତି ଓ ଶଙ୍କର୍ଷଣ ଦଳାଇ, ଜିଲା ମିଡିଆ ପ୍ରଭାରୀ ସୁମନ୍ତ ଗୋଚ୍ଛାୟତ, ଜିତେନ୍ଦ୍ର ବେହେରା, ଗଁଦିଆ ବ୍ଲକ ସଭାପତି ଶେଷଦେବ ବେହେରା ଓ ପରଜଙ୍ଗ ବ୍ଲକ ସଭାପତି ପ୍ରକାଶ ବିଶ୍ୱାଳଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ନେତୃବନ୍ଦ ଯୋଗ ଦେଇଥିଲେ।



# ୟୁଟ୍ୟୁବ୍ ଚ୍ୟାନେଲ ଲୋଗୋ ଉନ୍ମୋଚିତ

ଢେଙ୍କାନାଳ,୨୬।୧୧(ରତନ ନାୟାର)




ଢେଙ୍କାନାଳ ସହରସ୍ଥିତ ଦଧିବାବନ ଜୀଉ ମଠ ପରିସରରେ ରବିବାର ପୂର୍ବାହ୍ନ ସାଢେ ୧୦ଟା ସମୟରେ ଡି.ଏଲ୍. ପ୍ରଡକ୍ସନ ୟୁଟ୍ୟୁବ ଚ୍ୟାନେଲ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋଗୋ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଯତୀନ କୁମାର ମିଶ୍ର ଓ ନିହାରିକା ମିଶ୍ର ଯୋଗ ଦେଇଥିଲେ। ଏଥିସହିତ ଡିଏଲ୍ ପ୍ରଡକ୍ସନ ସଦସ୍ୟ ଶାନ୍ତିସ୍ୱରୂପ, ସୋମା, ସନ୍ଦୀପ, ହାପି, ମାନସ, ନିବି, ପ୍ରତିକ୍ଷା, ସ୍ୱୟଂଶ୍ରୀ, ଶିବାନୀ, କ୍ରିଷ୍ଣା ଓ ପ୍ରଦ୍ୟୁମ୍ନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡିଏଲ୍ ପ୍ରଡକ୍ସନର ପ୍ରଥମକରି ମା'ଙ୍କ ଉପରେ ଆଧାରିତ ଏକ ସଙ୍ଗୀତ 'ମା ସେ ମୋ ମା' ମୁକ୍ତିଲାଭ କରିଥିଲା। ଏହାକୁ ଗାଇଛନ୍ତି ସାରେଗାମାପା ଫାଇନାଲିଷ୍ଟ ବୈଷ୍ଣବୀ ମିଶ୍ର, ଗୀତ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଯତୀନ କୁମାର ମିଶ୍ର।

# ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବୈଠକ

ଢେଙ୍କାନାଳ,୨୬।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ରବିବାର ବଳରାମ ଜୀଉଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଅମରେନ୍ଦ୍ର ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅବହେଳିତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପ୍ରତି ସରକାରଙ୍କ ଉଦାସୀନତା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଅବସରକାଳୀନ ପେନସନ ଓ ଅନ୍ୟାନ୍ୟ ସୁବିଧା ପାଇଁ ଅନୁରୋଧ ପୂର୍ବକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବର୍ତ୍ତମାନ ୩୦ ଜିଲାର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଗତ ୧୪ ତାରିଖଠାରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣା ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଉକ୍ତ ଆନ୍ଦୋଳନକୁ ସମର୍ଥନ ଦେବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘ ପକ୍ଷରୁ ବାସୁଦେବ ଓଝା, ଧରଣୀ ବେହେରା, ଦିଲୀପ କୁମାର ଦାସ, ଅଜୟ କୁମାର ଦାସ, ବିନୋଦ କୁମାର ସାହୁ, ରୁଦ୍ର ନାରାୟଣ ମହାପାତ୍ର, ପବିତ୍ର ମୋହନ ରାଉତ, ମାଧବାନନ୍ଦ ରାଉତ, ଲଙ୍କେଶ୍ୱର ସିଂହ, ରୂପ ମଞ୍ଜରୀ ପଟ୍ଟନାୟକ, ଅକ୍ଷୟ କୁମାର ନନ୍ଦ, ପ୍ରମୋଦ କୁମାର ତରାଇ, ନିରୋଦ କୁମାର ବେହେରା ଓ ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ।



ଢେଙ୍କାନାଳ ସହର କାଲଟାକ୍ସ ଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଦୁଇଜଣ ଯୁବତୀ ବେଲଗଛ ତଳେ ମୁରୁଜ ପକାଉଛନ୍ତି।

# ଦେଶ ସେବା ପାଇଁ ଆଗେଇ ଆସ

ଢେଙ୍କାନାଳ,୨୬।୧୧(ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ରବିବାର ୭୫ତମ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରିବା ସହ ଦେଶ ଗଠନରେ ସମର ଶିକ୍ଷାର୍ଥୀ ବାହିନୀ ପ୍ରମୁଖ ଗ୍ରହଣ କରୁଛି ବୋଲି କହିଥିଲେ। ମୁଖ୍ୟ ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସଜାଗ ଓ ସଚେତନ ହୋଇ ଦେଶ ମାତୃକାର ସେବା କରିବାକୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ପରେଡରେ କୃତୀ କ୍ୟାଡେଟ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ଶାନ୍ତି ପାଠ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।




ବି.ବି. ହାଇସ୍କୁଲ ପରିସରରେ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳନ କରାଯାଉଛି।

# ବିକାଶ ପାଇଁ ଆବେଗ ଆବଶ୍ୟକ

### ଲେଖକ ସଂସଦର ସାମ୍ବତ୍ସରିକ ମହୋତ୍ସବ

ଢେଙ୍କାନାଳ,୨୬।୧୧(ରତନ ନାୟାର)



ଲେଖକ ସଂସଦର ସାମ୍ବତ୍ସରିକ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ ସଂସଦର ବାର୍ଷିକ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ ଜିଲା ଲେଖକ ସଂସଦ ପକ୍ଷରୁ ଶାଣ୍ଡିଲ୍ୟ ବସନ୍ତ ଭବନଠାରେ ୪୪ତମ ସାମ୍ବତ୍ସରିକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ ସାମାଜିକ କର୍ମୀ ତଥା ସିୱାଇଏସ୍‌ଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଜଣେ ସାହିତ୍ୟିକ ଜୀବନର ଲକ୍ଷ୍ୟକୁ ଆଗକୁ ନେବାକୁ ଚେଷ୍ଟା କରେ ଓ ଜୀବନ ଦର୍ଶନର ତତ୍ତ୍ୱକୁ ମଧ୍ୟ ଆଗକୁ ନେଇଥାଏ। ସମାଜକୁ କ'ଣ ଦେଇଛି କ'ଣ ଦେବି ସେ ନେଇ ବିଚାର କରିଥାଏ। ବିକାଶ ପାଇଁ ଆମକୁ ଖସଡା ପ୍ରସ୍ତୁତ କରିବାକୁ ପଡିବ। ଏଥିପାଇଁ ଆବେଗର ଆବଶ୍ୟକତା ଥାଏ। ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟିକ ପ୍ରଫେସର ମନୋରଞ୍ଜନ ମହାନ୍ତି କହିଲେ, ଯିଏ ସକାରାତ୍ମକକୁ ଆମନ୍ତ୍ରଣ କରେ ତାହା ସାହିତ୍ୟ। ସାହିତ୍ୟର ଦୃଷ୍ଟିଭଙ୍ଗୀ ସକାରାତ୍ମକ। ସାହିତ୍ୟିକ ଜଗତର ମଙ୍ଗଳ କାମନା କରେ। ବ୍ୟକ୍ତି ଶ୍ରେଷ୍ଠ ହେଲେ ବିଶ୍ୱ ଶ୍ରେଷ୍ଠ ହେବ। ବିଶ୍ୱ ଶ୍ରେଷ୍ଠ ହେଲେ ବ୍ୟକ୍ତି ଶ୍ରେଷ୍ଠ ହେବ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ ଯୋଗଦେଇ, ସାହିତ୍ୟ ନ ଥିଲେ ସଙ୍ଗୀତ ନ ଥାନ୍ତା। ସାହିତ୍ୟ ଓ ସଙ୍ଗୀତ ପରସ୍ପର ପରିପୂରକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକା ଡା. ସରୋଜିନୀ ଷଡଙ୍ଗୀ ଯୋଗଦେଇ ସାହିତ୍ୟର ଆରମ୍ଭ ନାହିଁ କି ଅନ୍ତ ନାହିଁ ବୋଲି କହିଥିଲେ। ଜିଲା ଲେଖକ ସଂସଦ ସଭାପତି ବସନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। କବୟିତ୍ରୀ ସୁକାନ୍ତୀ ସାହୁ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପକ ସମୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ସାରସ୍ୱତ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକା ଡା. ସରୋଜିନୀ ଷଡଙ୍ଗୀଙ୍କୁ କବିଚକ୍ରବର୍ତ୍ତୀ ବ୍ରଜନାଥ ବଡଜେନା ସାରସ୍ୱତ ସମ୍ମାନ, ସାହିତ୍ୟିକ ଇନ୍ଦ୍ରମଣି ନାୟକଙ୍କୁ ଶ୍ରୀଧରସ୍ୱାମୀ ସାହିତ୍ୟ ସମ୍ମାନ, ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ବିପିନ ବିହାରୀ ଶତପଥୀଙ୍କୁ ଶାଣ୍ଡିଲ୍ୟ ବସନ୍ତ ଶିକ୍ଷା ସମ୍ମାନ, କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକଙ୍କୁ ମହାରାଜା ଭଗୀରଥ କଳା ସମ୍ମାନ, ସାମାଜିକ କର୍ମୀ ଶିଶିର ଶତପଥୀଙ୍କୁ ସାରଙ୍ଗଧର ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସଂସଦ ଉପସଭାପତି ସାରଙ୍ଗଧର ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ 'ମଧୁକ୍ଷରା'ରେ ୫୦ ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟିଙ୍କ ନିର୍ଦ୍ଦେଶନାରେ ନାଟକ 'ଜେଜେ' ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ର ସପ୍ତାରଣ୍ୟକୁ ଅତିଥି ମାନେ ଉନ୍ମୋଚନ କରିଥିଲେ।

## କୁଣ୍ଡେଶ୍ୱର ମହାଦେବଙ୍କ ପୀଠରେ ମହାଯଜ୍ଞ

ପରଜଙ୍ଗ,୨୬।୧୧ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ରୋଡ୍ ପଞ୍ଚାୟତ କୁନ୍‌ଦେଇପୁର ଗ୍ରାମର କୁଣ୍ଡେଶ୍ୱର ମହାଦେବ ପୀଠରେ ଚାଲିଛି ତ୍ରୟୋଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ। ଏହା ଚାରିଦିନ ଧରି ଚାଲିବ। ଶୁକ୍ରବାର ସକାଳେ ବ୍ରାହ୍ମଣୀ ନଦୀରୁ ମହିଳାମାନେ କଳସୀରେ ପାଣି ଆଣି ମନ୍ଦିରଠାରେ ଥିବା ମଣ୍ଡପରେ ରଖିଥିଲ। ସକାଳୁ ସୂର୍ଯ୍ୟ ପୂଜା ସାରି ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ତିନି ଦିନ ଧରି ଅନ୍ନ ଯଜ୍ଞ ଅନୁଷ୍ଠିତ ହେଉଛି। ଏହା ସୋମବାର ପର୍ଯ୍ୟନ୍ତ ଚାଲିବ। ହୃଦୟ ଚନ୍ଦ୍ର ଆଚାର୍ଯ୍ୟ ଓ ମମତା ଆଚାର୍ଯ୍ୟ କର୍ତ୍ତାକର୍ତ୍ତ୍ରି ଭାବେ ଯୋଗ ଦେଇଛନ୍ତି। କମିଟିର ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ମାଧବାନନ୍ଦ ଆଚାର୍ଯ୍ୟ, ରଞ୍ଜନ ଆଚାର୍ଯ୍ୟ, ଗୋପୀନାଥ ପାଣି ଓ ସୋମନାଥ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଗ୍ରାମର ଅନେକ ଯୁବକ ବିଶ୍ୱଶାନ୍ତି ମହାଯଜ୍ଞରେ ସମର୍ପିତ ହୋଇ ସହଯୋଗ କରିଛନ୍ତି।

